# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 25 March - 2026

*********************************

## ମୁଖ୍ୟ ସମ୍ବାଦ

- ମାହେନ୍ଦ୍ର ବେଳାରେ ଆରମ୍ଭ ହେଲା ପୁରୀ ଶ୍ରୀମନ୍ଦିର ଶ୍ରୀଜୀଉଙ୍କର ରତ୍ନଭଣ୍ଡାର ଅଳଙ୍କାରର ଗଣତି-ମଣତି

- ବିଧାନସଭା ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ଆଜି ଆସନ୍ତା ଆର୍ଥିକବର୍ଷ ପାଇଁ ସ୍ୱରାଷ୍ଟ୍ର ଓ ସାଧାରଣ ପ୍ରଶାସନ ବିଭାଗର ଖର୍ଚ୍ଚଦାବି ପ୍ରସ୍ତାବ ଆଗତ କଲେ ମୁଖ୍ୟମନ୍ତ୍ରୀ

— ଗୃହରେ ଉପସ୍ଥାପିତ ହେଲା ୨୦୨୫ ମସିହା ପାଇଁ ଶ୍ୱେତପତ୍ର

- ରାଜ୍ୟରେ ମାଓବାଦୀ ବିରୋଧୀ ଅଭିଯାନ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଛି; କହିଲେ ପୁଲିସ୍ ଅତିରିକ୍ତ ମହାନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା

ଏବଂ

- ଗଞ୍ଜାମ, କନ୍ଧମାଳ, ନୟାଗଡ ଓ କେନ୍ଦୁଝର ଜିଲ୍ଲାରେ ପାରମ୍ପରିକ ରୀତିନୀତିରେ ଆରମ୍ଭ ହୋଇଛି ଦଣ୍ଡଯାତ୍ରା

# ଶ୍ରୀମନ୍ଦିର ରତ୍ନ ଗଣତି ମଣତି

ପୁରୀ ଶ୍ରୀମନ୍ଦିରରେ ଆଜିଠାରୁ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଅଳଙ୍କାରର ଗଣତି-ମଣତି ପ୍ରକ୍ରିୟା ଆରମ୍ଭ ହୋଇଛି। ମାହେନ୍ଦ୍ର ବେଳା ମଧ୍ୟାହ୍ନ ୧୨ଟା ୩୫ରେ ସ୍ୱତନ୍ତ୍ର ପ୍ରତିନିଧି ଦଳ ଶ୍ରୀମନ୍ଦିରରେ ପ୍ରବେଶ କରି ଗଣତି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ, ତତ୍ତ୍ୱାବଧାରକ ଏବଂ ପରିଚାଳନା ଦଳ ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଆଜି  ପ୍ରଥମେ ଚଳନ୍ତି ଭଣ୍ଡାର ଘରେ ଥିବା ଅଳଙ୍କାର ଗୁଡ଼ିକର ଗଣତି-ମଣତି କରାଯାଉଛି। ପରେ ବାହାର ଭଣ୍ଡାର ଓ ଭିତର ଭଣ୍ଡାରର ଅଳଙ୍କାର ଗଣତି-ମଣତି କରାଯିବ।  ସ୍ୱର୍ଣ୍ଣ ଅଳଙ୍କାରକୁ ହଳଦିଆ, ରୌପ୍ୟ ଅଳଙ୍କାରକୁ ଧଳା ଏବଂ ଅନ୍ୟ ଅଳଙ୍କାରଗୁଡ଼ିକୁ ନାଲି ରଙ୍ଗର କନାରେ ସିନ୍ଦୁକରେ ରଖାଯିବ। ଅଳଙ୍କାରଗୁଡ଼ିକୁ ସ୍ୱତନ୍ତ୍ର ଭାବେ ରଖାଯିବା ସହିତ ଫଟୋଗ୍ରାଫି, ଭିଡିଓଗ୍ରାଫି ଓ ଥ୍ରୀଡି ମ୍ୟାପିଂ କରାଯାଉଛି।

ଶନିବାର, ରବିବାର ଓ ବିଶେଷ ନୀତିକାନ୍ତି ଦିନରେ ଗଣତି ମଣତି ହେବ ନାହିଁ। ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ବଣିଆ, ସରକାରୀ ବଣିଆ, ଅଳଙ୍କାର ଚିହ୍ନଟକାରୀ ଏବଂ ଆର୍‌ବିଆଇ ଅଧିକାରୀଙ୍କ ଉପସ୍ଥିତିରେ ୧୯୭୮ ମସିହାରେ ହୋଇଥିବା ଗଣତି-ମଣତି ରିପୋର୍ଟ ସହ ବର୍ତ୍ତମାନର ଗଣତି-ମଣତି ମେଳକ କରାଯାଇ ଅଳଙ୍କାର ଗୁଡ଼ିକୁ ଟ୍ୟାଗିଂ କରାଯିବ।

ସୁରକ୍ଷିତ ଗଣତି ମଣତି ଲାଗି ଶ୍ରୀମନ୍ଦିର ଭିତରେ ଓ ବାହାରେ ବରିଷ୍ଠ ପୁଲିସ ଅଧିକାରୀଙ୍କ ସମେତ ୧୦ ସେକ୍ସନ ପୁଲିସ ଫୋର୍ସ ମୁତୟନ କରାଯାଇଛି। ବାଇଶି ପାହାଚ ଓ ସିଂହଦ୍ୱାର ନିକଟରେ ଷ୍ଟ୍ରାଇକିଂ ଫୋର୍ସ୍ ସମେତ ଆଣ୍ଟିସାବୋଟେଜ୍ ଟିମ୍ ନିୟୋଜିତ ଅଛନ୍ତି।

## ବିଧାନସଭା-୧

ସପ୍ତଦଶ ବିଧାନସଭା ବଜେଟ୍ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟରେ ଆଜି ମଧ କଟକ ବଡ଼ ଡାକ୍ତରଖାନା ଅଗ୍ନିକାଣ୍ଡ ଘଟଣାକୁ ନେଇ ବିରୋଧୀ ଦଳର ସଦସ୍ୟମାନେ ଗୃହରେ ହଟ୍ଟଗୋଳ କରିବା ସହିତ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଏସ୍‌ସିବି ଅଧୀକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ସଦସ୍ୟମାନେ ଗୃହରେ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିଥିଲେ। ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇ ପାରି ନଥିଲା। ବାଚସ୍ପତି ସୁରମା ପାଢ଼ୀ ଏହା ମଧ୍ୟରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଶାସକ ଦଳର ସଦସ୍ୟ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତର ରଖିବାକୁ ଅନୁମତି ଦେଇଥିଲେ।

ମନ୍ତ୍ରୀଙ୍କ ଉତ୍ତର ସମୟରେ ବିରୋଧୀ ଦଳର ସଦସ୍ୟମାନେ ଗୃହର ମଧଭାଗକୁ ଚାଲିଆସିବା ସହିତ ପ୍ରତିବାଦ ଜାରି ରଖିଥିଲେ। ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହେବାରୁ ବାଚସ୍ପତି ବାଧ ହୋଇ ଗୃହକୁ ୧୦ ଟା ୩୩ ମିନିଟ୍‌ରୁ ୧୧ ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ।

୧୧ ଟା ୩୦ ମିନିଟ୍‌ରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ  ସଦସ୍ୟ ଟଙ୍କଧର ତ୍ରିପାଠୀ, ସୀମାରାଣୀ ନାୟକ, ଲକ୍ଷ୍ମଣ ବାଗ୍, ବାବୁ ସିଂ, ପଦ୍ମଲୋଚନ ପଣ୍ଡା ପ୍ରମୁଖ ବିରୋଧୀଙ୍କ ଆଚରଣ ଓ ଉଚ୍ଚାରଣକୁ ନେଇ ପ୍ରଶ୍ନ ଉଠାଇବା ସହିତ ଗୃହରେ ଶୃଙ୍ଖଳା ରକ୍ଷା କରିବା ଏବଂ ଗୃହକାର୍ଯ୍ୟରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରିଥିଲେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୬-୨୭ ଆର୍ଥିକବର୍ଷ ନିମନ୍ତେ ସ୍ୱରାଷ୍ଟ୍ର ଓ ସାଧାରଣ ପ୍ରଶାସନ ବିଭାଗର ଖର୍ଚ୍ଚଦାବି ଆଗତ କରିଥିଲେ। ଗୃହକାର୍ଯ୍ୟକୁ ସ୍ୱାଭାବିକ କରିବା ପାଇଁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ବର୍ତ୍ତମାନ ବିରୋଧୀ ସଦସ୍ୟଙ୍କ ଅନୁପସ୍ଥିତି ମଧ୍ୟରେ ଖର୍ଚ୍ଚଦାବି ଉପରେ ଆଲୋଚନା ଜାରି ରହିଛି।

## ବିଧାନସଭା-ଶ୍ୱେତପତ୍ର

ବିଧାନସଭାରେ ଆଜି ଗୃହ ବିଭାଗ ପକ୍ଷରୁ ୨୦୨୫ ମସିହା ପାଇଁ ଶ୍ୱେତପତ୍ର ପ୍ରକାଶ ପାଇଛି। ୨୦୨୫ ମସିହାରେ ରାଜ୍ୟରେ ଆଇନ୍‌ଶୃଙ୍ଖଳା ସ୍ଥିତି ପ୍ରାୟ ଶାନ୍ତିପୂର୍ଣ୍ଣ ଥିଲା ବୋଲି ଦର୍ଶାଯାଇଛି। ଶ୍ୱେତପତ୍ରର ତଥ୍ୟ ଅନୁସାରେ, ଗତବର୍ଷ ନୂଆପଡ଼ା ଉପନିର୍ବାଚନ, ପୁରୀ ରଥଯାତ୍ରା  ଓ ଅନ୍ୟାନ୍ୟ ଧାର୍ମିକ କାର୍ଯ୍ୟକ୍ରମ ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା। ସେହି ସମୟ ମଧ୍ୟରେ ୧୦୬ଟି ହିନ୍ଦୁ-ମୁସଲିମ୍ ଓ ୧୬ଟି ହିନ୍ଦୁ-ଖ୍ରୀଷ୍ଟିଆନ୍ ବିବାଦ ଘଟଣା ଘଟିଥିଲା। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁଯାୟୀ, ରାଜ୍ୟରେ ବେଆଇନ୍ ଭାବେ ଥିବା ପ୍ରବାସୀମାନଙ୍କୁ ଚିହ୍ନଟ, ଅଟକ ଓ ସେମାନଙ୍କ ପ୍ରତ୍ୟାବର୍ତ୍ତନକୁ କାର୍ଯ୍ୟକାରୀ

କରିବା ପାଇଁ ସମସ୍ତ ଜିଲ୍ଲାରେ ସ୍ୱତନ୍ତ୍ର କାର୍ଯ୍ୟବାହିନୀ ଗଠନ କରାଯାଇଛି। ଏହି ପ୍ରକ୍ରିୟାରେ ୨ ହଜାର ୨୫୯ ଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କ ପରିଚୟ ଯାଞ୍ଚ କରାଯାଇଥିଲା। ତନ୍ମଧ୍ୟରୁ ୭୫ ଜଣ ବାଂଲାଦେଶୀଙ୍କୁ ଚିହ୍ନଟ କରାଯାଇ, ସେମାନଙ୍କ ମଧ୍ୟରୁ ୭୩ଜଣଙ୍କୁ ଦେଶାନ୍ତର କରାଯାଇଛି। ଅନ୍ୟ ଦୁଇଜଣଙ୍କୁ ଗିରଫ କରାଯାଇ ଜେଲ୍ ପଠାଇ ଦିଆଯାଇଛି। ଶ୍ୱେତପତ୍ରର ତଥ୍ୟ ଅନୁଯାୟୀ, ଓଡ଼ିଶାରେ ୩ ହଜାର ୭୩୮ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇଛି। ଗତବର୍ଷ ମୋଟ୍ ୨ ଲକ୍ଷ ୨୯ ହଜାର ୮୮୧ଟି ଅପରାଧ ପଞ୍ଜୀକରଣ ହୋଇଥିଲା।

## ବିଧାନସଭା-ବାୟୋଟେକ୍ ପାର୍କ

ଭୁବନେଶ୍ୱର ଅନ୍ଧାରୁଆଠାରେ ରାଜ୍ୟ ସରକାରଙ୍କ ଦ୍ୱାରା ଏକ ବାୟୋଟେକ୍ ପାର୍କ ସ୍ଥାପିତ କରାଯାଇଛି। ପ୍ରସ୍ତାବିତ ସରକାରୀ ଅଧୀକୃତ ବାୟୋଟେକ୍ ପାର୍କ ପାଇଁ କାର୍ଯ୍ୟ ଜାରି ରହିଛି ବୋଲି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ବିଧାନସଭାରେ ସଦସ୍ୟ ଅମର କୁମାର ନାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ପାତ୍ର କହିଛନ୍ତି, ଓଡ଼ିଶା ବାୟୋଟେକ୍ନୋଲୋଜୀ ପଲିସି ଅଧୀନରେ ବାୟୋଟେକ୍ ପାର୍କ ସ୍ଥାପନ ପାଇଁ ବ୍ୟବସ୍ଥା ରହିଛି। ଏଥିରେ ବୈଜ୍ଞାନିକ, ଗବେଷକ ଏବଂ ବୈଷୟିକ ଶିକ୍ଷା ପ୍ରାପ୍ତ ଯୁବପିଢ଼ିଙ୍କୁ ସୁଯୋଗ ଦେବା ପାଇଁ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ତାଲିମ୍ କାର୍ଯ୍ୟକ୍ରମ ପ୍ରଦାନ ଲାଗି ଯୋଜନା ରହିଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

## ଶୁଳ୍କ

ରାଜ୍ୟରେ ମାଓବାଦୀ ବିରୋଧୀ ଅଭିଯାନ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଛି ବୋଲି ନକ୍ସଲ ବିରୋଧୀ ଅପରେସନ୍ ଦାୟିତ୍ୱରେ ଥିବା ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି। ଫୁଲବାଣୀ ରିଜର୍ଭ ପୁଲିସ୍ ପଡିଆରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମାଓବାଦୀ ନେତା ଶୁକ୍ରୁ ଓ ଅନ୍ୟ ଚାରି ଜଣ ସହଯୋଗୀ ଆତ୍ମସମର୍ପଣ କରିବା ପରେ ଆଜି ସେମାନଙ୍କୁ ଜିଲ୍ଲା ପ୍ରଶାସନ ଏବଂ ପୁଲିସ୍ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ପୁଲିସ୍ ଏଡିଜି ଶ୍ରୀ ପଣ୍ଡା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି.....

## - V/O -

ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀଙ୍କୁ ସରକାରଙ୍କ ଆତ୍ମସମର୍ପଣ ପ୍ରୋତ୍ସାହନ ନୀତି ଅନୁସାରେ, ସୁବିଧା ଯୋଗାଇ ଦିଆଯିବ ବୋଲି କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ କହିଛନ୍ତି।

କାର୍ଯ୍ୟକ୍ରମରେ ବ୍ରହ୍ମପୁର ପୁଲିସ୍ ଆଇଜି ନୀତିଶେଖର, ଡିଆଇଜି ଅଖିଳେଶ୍ୱର ସିଂ, ଡିଆଇଜି ସିଆରପିଏଫ ଦିଲ୍ଲୀପ ସିଂ, କନ୍ଧମାଳ ଏସ୍‌ପି ହରିଶ ବିଶି ପ୍ରମୁଖ ଉପସ୍ଥିତ ଥିଲେ।

## ଦଣ୍ଡଯାତ୍ରା

ଗଞ୍ଜାମ, କନ୍ଧମାଳ, ନୟାଗଡ଼ ଓ କେନ୍ଦୁଝର ଜିଲ୍ଲାରେ ଚୈତ୍ର ମାସରେ ଶିବ ଏବଂ ଶାକ୍ତ ଉପାସନାର ନିଆରା ପରମ୍ପରା ଦଣ୍ଡଯାତ୍ରା ପର୍ବ ଭିନ୍ନ ଭିନ୍ନ ଶୈଳୀରେ ପାଳନ କରାଯାଇଥାଏ। ଗଞ୍ଜାମ ଜିଲ୍ଲାର ପ୍ରାୟ ୩୭୦ଟି ଗ୍ରାମରେ

ଦଣ୍ଡଯାତ୍ରା ପାଳନ ହୋଇଥାଏ। ୧୩ ଭୋକ୍ତା, ୧୬ ଦଣ୍ଡ ୧୩ ଦିନର ପର୍ବ ଚୈତ୍ରମାସର ମୀନ ସଂକ୍ରାନ୍ତୀରୁ ଆରମ୍ଭ ହୋଇ ମହାବିଷୁବ ସଂକ୍ରାନ୍ତୀରେ ଉଦ୍‌ଯାପିତ ହୋଇଥାଏ।

ଶୁଣନ୍ତୁ ଏ ସଂପର୍କରେ ସ୍ୱତନ୍ତ୍ର ଉପସ୍ଥାପନା.....

ଓଡ଼ିଶାରେ ଦଣ୍ଡନୃତ୍ୟ ଏକ ପ୍ରାଚୀନ, ଧର୍ମୀୟ, କୃଷିଭିତ୍ତିକ ଓ ପାରମ୍ପରିକ ଲୋକନୃତ୍ୟ। ଏହା ପ୍ରଥମେ ଗଞ୍ଜାମ ଜିଲ୍ଲାର ଗ୍ରାମାଞ୍ଚଳରୁ ସୃଷ୍ଟି ହୋଇଥିବା ଲୋକମତ ରହିଛି। ପରେ ଅନ୍ୟ ଜିଲ୍ଲାଗୁଡ଼ିକରେ ପ୍ରସାର ଲାଭ କରିଥିଲା। ଦଣ୍ଡନୃତ୍ୟ ଧର୍ମୀୟ ବିଶ୍ୱାସ, ଶିବ ଓ ଶକ୍ତିଙ୍କ ଉପାସନାରୁ ସୃଷ୍ଟି ହୋଇଛି। ଏହି ନୃତ୍ୟ ପାଇଁ ସମଗ୍ର ଅଂଚଳ ଉତ୍ସବମୁଖର ହୋଇଉଠିଛି।

ଜିଲ୍ଲାର ପ୍ରତ୍ୟେକ ସହର ଓ ଗ୍ରାମାଞ୍ଚଳରେ ଢ଼ୋଲ, ନିଶାନ, ମହୁରୀ ଓ ଘଣ୍ଟଘଣ୍ଟାର ଶବ୍ଦ ପ୍ରକମ୍ପିତ ହେଉଛି। ପୁରୋହିତଙ୍କ ଠାରୁ ଗଣାପୋଛା କରି ସମୟ ନିର୍ଘଣ୍ଟ ପରେ ପୂର୍ବଦିନର ସମୟଅନୁସାରେ ନିଶାଘାଟ ରାତ୍ରରେ ଉଷୁନା ଧାନ ଗଜା, ଅଗ୍ନି ଉତ୍ପାଦନ କାର୍ଯ୍ୟ ସମ୍ପାଦନ ହୋଇଥାଏ। ଦଣ୍ଡୁଆମାନେ ଶିବ ଏବଂ କାଳୀ ମନ୍ଦିରରୁ ଆଜ୍ଞାମାଳ ଆଣିଥାନ୍ତି। ଅଗ୍ନି ସଂଯୋଗ, ପଇତାଲାଗି, ହୋମ ଏବଂ ଫଳମୂଳ ଆଦି ପୂଜା ପରେ ଖାଲି ପାଦରେ ଚାଲି ଦଣ୍ଡଯାତ୍ରା ଆରମ୍ଭ କରନ୍ତି। ଏକସ୍ୱରରେ କଳାରୁଦ୍ରମଣୀଙ୍କୁ ସ୍ମରଣ କଲେ ଉଚ୍ଚାରଣ କରି ଦଣ୍ଡବିଧାନ ଓ ମାନସିକ ପୂରଣ କରନ୍ତି।

ଏ ସମ୍ପର୍କରେ **ଶ୍ରଦ୍ଧାଳୁ ସନାତନ ପାହାନ** ପ୍ରତିକ୍ରିୟାରେ ଆକାଶବାଣୀକୁ କହିଛନ୍ତି

**- V/O -**

ପୌରାଣିକ ମତବାଦ ଅନୁସାରେ, ସତ୍ୟଯୁଗ, ତ୍ରେତୟାଯୁଗ, ଦ୍ୱାପର ଯୁଗ ଓ ବର୍ତ୍ତମାନ କଳିଯୁଗରେ ମଧ୍ୟ ଏହି ଦଣ୍ଡଯାତ୍ରା ପାଳନ ନେଇ ବିଶ୍ୱାସ ରହିଛି । ଅନ୍ତର୍ଜାତୀୟ ସ୍ତରରେ  ଦଣ୍ଡପର୍ବର ନାଚ, ଚଢ଼େୟା-ଚଢ଼େୟାଣୀ ଓ ଢ଼ୋଲିଆ ନାଚ ୨୧ ଦିନ ଧରି ଚାଲିବା ପରମ୍ପରା ରହିଛି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

## ବିଶାଲ ଦେବ ସମ୍ବଲପୁର ଗସ୍ତ

ସମ୍ବଲପୁରକୁ ବିଭିନ୍ନ ଆଇଟି କମ୍ପାନୀକୁ ଆଣିବା ଲାଗି ସରକାର ପ୍ରଚେଷ୍ଟା କରୁଛନ୍ତି ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଜିଲ୍ଲା ନୋଡାଲ ଅଫିସର ବିଶାଲ କୁମାର ଦେବ କହିଛନ୍ତି । ଆଜି ସମ୍ବଲପୁର ଗସ୍ତରେ ଯାଇ ଶ୍ରୀ କୁମାର ଆଇଟି ଓ ଇଲେକ୍‌ଟ୍ରୋନିକ୍ସ ପାର୍କ ପାଇଁ ପ୍ରସ୍ତାବିତ ଜାଗା ଦେଖିବା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା କରିଛନ୍ତି । ତିନୋଟି ଆଇଟି କମ୍ପାନୀ ସହ ସରକାର ଆଲୋଚନା କରିଥିବା ସମୀକ୍ଷା ବୈଠକରୁ ଜଣାପଡିଛି ।

## ଓଡ଼ିଆ ଭାଷା ବ୍ୟବହାର

**ଗଜପତି** ଜିଲ୍ଲା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ସମ୍ପର୍କିତ ଦୁଇଦିନିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିରକୁ ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନ୍‌ନାଗା ଉଦ୍‌ଘାଟନ କରିଛନ୍ତି। ଶିବିରରେ ଓଡ଼ିଆ ଭାଷାରେ କାର୍ଯ୍ୟାଳୟର ପତ୍ରବିନିମୟ ଓ ଯୋଗାଯୋଗ କ୍ଷେତ୍ରରେ ପାରଦର୍ଶୀତା ବୃଦ୍ଧି, ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାରର ସମସ୍ୟା ଓ ସମାଧାନ, ଇଂରାଜୀରୁ ଓଡ଼ିଆ ଚିଠା ଓ ଆଦେଶନାମା ଅନୁବାଦ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଓଡ଼ିଆ ଭାଷା ବିଶେଷଜ୍ଞ ଡକ୍ଟର ରବି ନାରାୟଣ ପଣ୍ଡା, ଡକ୍ଟର ରମେଶ ଚନ୍ଦ୍ର ମଲ୍ଲିକ୍ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ଅଧ୍ୟାପକମାନେ ଯୋଗଦେଇଥିଲେ।